# ବାହାର ଚକାଚକ୍, ଭିତର ଅସମ୍ପୂର୍ଣ୍ଣ

■ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା
■ଏଯାଏ ସରିପାରିଲାନି ରୂପାନ୍ତରିତ କାର୍ଯ୍ୟ

ବାସୁଦେବପୁର,୧୨।୬(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ଘେରରେ ରହିଛି। ରାଜ୍ୟ ସରକାର ଏହି ଡାକ୍ତରଖାନାର କଳେବର ବୃଦ୍ଧି ସହ ଏହାକୁ ଅଧିକ ଚିକ୍କଣ ଓ କ୍ରିୟାଶୀଳ କରିବାକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ। ହେଲେ ଗତ ୬ ମାସରୁ ଊର୍ଦ୍ଧ୍ୱ ହେବ ଏହାର ରୂପାନ୍ତରିତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ଡାକ୍ତରଖାନା ଉପରେ ମୁଖ୍ୟତଃ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ, ଚାନ୍ଦବାଲି ବ୍ଲକର ଧାମରା ସମେତ ୯ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହାବ୍ୟତୀତ ସୋର ଓ ସିମୁଳିଆ ବ୍ଲକର କିଛି ଅଞ୍ଚଳର ରୋଗୀ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଆବଶ୍ୟକ ନ ଥିବା ସ୍ଥଳେ ୫-ଟି ରୂପାନ୍ତରିତ ଆଳରେ ସ୍ଥାୟୀ ଡାକ୍ତରଖାନା ଗୃହକୁ ଭଙ୍ଗାଯାଇ ଏହାର ଆଗପାର୍ଶ୍ୱରେ ରଙ୍ଗୀନ ଟିଣ୍ଡ୍ରା ଛପର କରାଯାଇଛି। ପ୍ରବେଶ ପଥ ଗୃହରେ କେବଳ ରୋଗୀଙ୍କ ନାମ ରେଜିଷ୍ଟ୍ରେଶନ କାର୍ଯ୍ୟ ଚାଲୁଥିବା ବେଳେ ପୁରା ଡାକ୍ତରଖାନା ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଡାକ୍ତରଖାନା ମଧ୍ୟରେ ଥିବା ଓଟି ରୁମ୍, ଡ୍ରେସିଙ୍ଗ ରୁମ୍, ଅଂଶୁଘାତ କକ୍ଷ, ଇଞ୍ଜେକ୍ସନ ଓ ନେବୁଲାଇଜେଶନ ରୁମ୍, ମହିଳା ୱାର୍ଡ, ପୁରୁଷ ୱାର୍ଡ, ସେବିକା କକ୍ଷ ସମେତ ବିଭିନ୍ନ ୱାର୍ଡରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏସବୁ ରୁମ୍‌ରେ ତାଲା ଝୁଲୁଛି। ଏସବୁ ରୁମ୍ ଓ ରୂପାନ୍ତରିତ ହେଉଥିବା ଡାକ୍ତରଖାନାର ବିଭିନ୍ନ କୋଠରି ଏବେ ଅଳିଆ ଆବର୍ଜନାରେ ପୋତି ହୋଇ ପଡ଼ି ରହିବା ସହ ପୁରୁଣା ଡାକ୍ତରଖାନାଟି ପରିତ୍ୟକ୍ତ ଅବସ୍ଥାକୁ ପଳାଇ ଆସିଛି। କେବଳ ବାହାର ପାର୍ଶ୍ୱରେ ରଙ୍ଗ ମରାଯାଇ ଚକାଚକ୍ କରାଯାଇଥିବା ବେଳେ ଭିତରେ କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି।

ସେହିପରି ବିଭିନ୍ନ ରୁମ୍ ଏବଂ ୱାର୍ଡକୁ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଡାକ୍ତରଖାନା ରୋଗୀଙ୍କ କାମରେ ଆସୁନି। ଡାକ୍ତରଖାନାର ଆଭ୍ୟନ୍ତରୀଣ ଓ ଡ୍ରେନେଜ ବ୍ୟବସ୍ଥାକୁ ମଧ୍ୟ ଠିକ୍‌ଠାକ୍ କରାଯାଇ ପାରିନାହିଁ। ଡାକ୍ତରଖାନାର ଶିଶୁ ଓ ମାତୃଭବନ ପରିସରରେ ଆଉଟଡୋର, ଡ୍ରେସିଂ, ନେବୁଲାଇଜେଶନ, ଫିମେଲ, ମେଲ ୱାର୍ଡ ସମେତ ବିଭିନ୍ନ ୱାର୍ଡକୁ ଉଠାଇ ଦିଆଯାଇ ସେଠାରେ କାର୍ଯ୍ୟ ଚାଲୁଥିବା ବେଳେ ଏହା ରୋଗୀଙ୍କ ସେବା ପାଇଁ ପର୍ଯ୍ୟାପ୍ତ ଜାଗା ହେଉନାହିଁ। ସମସ୍ତ ରୋଗୀ ଏହି ଶିଶୁ ଓ ମାତୃଭବନକୁ ସ୍ଥାନାନ୍ତର ହୋଇଥିବାରୁ ଶିଶୁ ଓ ପ୍ରସୂତିଙ୍କ ଚିକିତ୍ସାରେ ବାଧକ ସୃଷ୍ଟି ହେଉଛି। ଫଳରେ ଶିଶୁ ଓ ପ୍ରସୂତି ଅବହେଳିତ, ଅସୁରକ୍ଷିତ ମନେ କରୁଛନ୍ତି। ରୂପାନ୍ତରିତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ରୋଗୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବାରୁ ବାସୁଦେବପୁର ଅଞ୍ଚଳର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଡାକ୍ତରଖାନାରେ ଏକାଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁ କହିଛନ୍ତି, ଡାକ୍ତରଖାନାର ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ ପାଇଁ ଅଧିକ ଅର୍ଥ ଆବଶ୍ୟକ। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।



ଡାକ୍ତରଖାନା ଆଗ ପାର୍ଶ୍ୱରେ ରଙ୍ଗ ମାରି ଚକାଚକ୍ କରାଯାଇଛି।

## ସଂକ୍ଷେପରେ

### ମଞ୍ଜୁରିରୁ ଚୋରି

ଭଣ୍ଡାରିପୋଖରୀ,୧୨।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ ପଞ୍ଚାୟତର ମଞ୍ଜୁରି ଗ୍ରାମର ନନ୍ଦି ମଲିକଙ୍କ ଘରୁ ଚୋରି ହୋଇଛି। ଗତ ୯ ତାରିଖ ରାତିରେ ଦୁର୍ବୃତ୍ତମାନେ ନନ୍ଦିଙ୍କ ଘର ଭିତରେ ପଶି ୨ଟି ମୋବାଇଲ ଫୋନ୍ ସହ ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନା କୁଣ୍ଡଳ ହଳେ, ରୁପା ପାଉଁଜି ୨ ହଳ ଓ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ନନ୍ଦି ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪୫/୨୪) ରୁଜୁ କରିଛି।

### ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

ଭଣ୍ଡାରିପୋଖରୀ,୧୨।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣୀ ପୀଠରେ ମଙ୍ଗଳବାର ଶିବ ପାର୍ବତୀ ବିବାହ ସମ୍ପନ୍ନ ହୋଇଛି। ନଳେଶ୍ୱର ଯଜ୍ଞ କମିଟି ଆନୁକୂଲ୍ୟରେ ବାବା ନଳେଶ୍ୱରଙ୍କ ସହ ମାତା ପାର୍ବତୀଙ୍କ ବାହାଘର ଅନୁଷ୍ଠିତ ହୋଇଥିଲା। ବରପିତା ବିରିପଡ଼ା ଗ୍ରାମର ମହେଶ୍ୱର ବେହେରା ଶୋଭାଯାତ୍ରାରେ ଯାଇ ମଣ୍ଡପରେ ପହଞ୍ଚିଥିଲେ। କନ୍ୟା ପିତା ଭାବେ ଅକ୍ଷୟ ବେହେରା କନ୍ୟାଦାନ କରିଥିଲେ। ମୁଖ୍ୟ ପୂଜକ ଦେବୀନନ୍ଦା, ପୁରୋହିତ ମଦନ ସୁନ୍ଦର ପଣ୍ଡା, ନାପିତ ବସନ୍ତ ବାରିକଙ୍କ ସମେତ ଚିଙ୍ଗୁଡ଼ିପୁର ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବାଲି ଉଠାଣକୁ ନେଇ ଗୋଷ୍ଠୀ ସଂଘର୍ଷ

ନୀଳଗିରି,୧୨।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ କେଶୁରା ଗାଁରେ ଘାଗରା ନଈରୁ ବାଲି ଉଠାଣକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ହେବା ସହିତ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କେଶୁରା ଗାଁର ସୁଧାଂଶୁ ଶେଖର ଦଳେଇ ଘାଗରା ନଈରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ସରସ୍ୱତୀ ଦଳେଇଙ୍କ ଜମି ଉପରେ ଦେଇ ଚୋରାଚାଲାଣ କରୁଥିଲେ। ସରସ୍ୱତୀ ଏହାକୁ ବିରୋଧ କରିବାରୁ ଉତ୍କ୍ଷିପ୍ତ ହୋଇ ସୁଧାଂଶୁ ଏବଂ ତାଙ୍କ ସହଯୋଗୀମାନେ ସରସ୍ୱତୀଙ୍କୁ ଆକ୍ରମଣ କରିଥିଲେ। ସରସ୍ୱତୀଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ଉଦ୍ଧାର କରିଥିଲେ। ଏହି ଆକ୍ରମଣରେ ସରସ୍ୱତୀ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

### ଦିବ୍ୟାଙ୍ଗଙ୍କୁ ଦିଆଗଲା ସ୍ୱୟଂଚାଳିତ ଟ୍ରାଇସାଇକେଲ

ବାଲେଶ୍ୱର,୧୨।୬(ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ବହୁଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଡା. ରଣଜିତ କରଙ୍କ ଦ୍ୱାରା ବାଲିଆପାଳ ବ୍ଲକ ଅନ୍ତର୍ଗତ ରତେଇ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ହିତାଧିକାରୀ ସୁଶାନ୍ତ ରାଉତଙ୍କୁ ଏକ ସ୍ୱୟଂଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଭାପତି, ସମ୍ପାଦକ ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ହିତାଧିକାରୀ ରାଉତ ମିଳିଥିବା ଟ୍ରାଇସାଇକେଲ ଯୋଗୁ ନିଜର ଜୀବନ ସରସ ସୁନ୍ଦର କରିବ ବୋଲି କହି ଭାବବିହ୍ୱଳ ହୋଇଥିଲେ।

### ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ

ରାମଚନ୍ଦ୍ରପୁର,୧୨।୬(ଗଣେଶ୍ୱର ସା)

ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ଉପଲକ୍ଷେ ଆସ୍ୱୟାର୍ ତରଫରୁ କେନ୍ଦୁଝର ଗଡ଼ବାନ୍ଧଗୋଡା ପଞ୍ଚାୟତର ଦାନ୍ତିଆଠାରୁ ଆରମ୍ଭ କରି ପନାସିଆ, ପଟିଲୋ, ନଖସାହି, ବୁଧୁସାହି ଏବଂ ସାପୁଆସାହି ଗ୍ରାମରେ ଶିକ୍ଷା ସଚେତନତା, ବାଲ୍ୟବିବାହ ଏବଂ ଶିଶୁଶ୍ରମିକ ନିରୋଧ ପାଇଁ ଏକ ସାଇକେଲ ରାଲି କରାଯାଇଥିଲା। ରାଲିରେ ଘସିପୁରା ବ୍ଲକ୍ ସମାଜ ସଂଯୋଜକ ଦିଲ୍ଲୀପ ସେଠୀ, ମହେଶ ଜେନା, ଜ୍ୟୋତିରଞ୍ଜନ ଭୂୟାଁ, ଦିଲ୍ଲୀପ ଜେନା, ଗଡ଼ବାନ୍ଧଗୋଡା ପଞ୍ଚାୟତର ସମସ୍ତ ଆସ୍ୱୟାର୍ କର୍ମୀ, ଜିଆର୍‌ପିଏଫ କମିଟିର ସଭାପତିଙ୍କ ସମେତ ଯୁବତୀ, ଯୁବକ ଯୋଗ ଦେଇଥିଲେ। ଶେଷରେ ସାପୁଆସାହି ପ୍ରାଥମିକ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରି ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜା

ବନ୍ତ,୧୨।୬(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଅଲଡତି ଉଚ୍ଚ ବିଦ୍ୟାଳୟର ୨୦୧୪ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସହ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଧନେଶ୍ୱର ଜେନାଙ୍କ ସଭାପତିତ୍ୱ ଓ ବିକାଶ କୁମାର ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାହୁ, ଶିକ୍ଷକ ଅଜୟ ଜେନା, ସତ୍ୟରଞ୍ଜନ ଭୂୟାଁ, ମନୋରଞ୍ଜନ ଦାସ, ଶେଷଦେବ ନାୟକ, ଲକ୍ଷ୍ମୀଧର ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ପଦ୍ମନାଭ ସ୍ୱାଇଁ, ଶତ୍ରୁଘ୍ନ ଜେନା ଓ ସୁବାସିନୀ ଘଡ଼େଇ ଯୋଗଦେଇ ପୁରାତନ ଛାତ୍ରୀଛାତ୍ର ଗୁରୁ ଶିଷ୍ୟର ପରମ୍ପରାକୁ ଉଜ୍ଜୀବିତ ରଖିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉକ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀନିବାସ ଘଡ଼େଇ, ଅଭିଜିତ୍ ସାହୁ, ଶଶୀକାନ୍ତ ପଲେଇ, ମାନସ ବେହେରା, ପ୍ରଶାନ୍ତ ନାୟକ, ଚନ୍ଦନ ମହାନ୍ତି, ବିକାଶ ସେନାପତି, ବିରେନ ସାହୁ, ସଞ୍ଜୟ ପଲେଇ, ସୁଦର୍ଶନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ


ଜିଲା କାର୍ଯ୍ୟାଳୟ ପରିସରରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଭଦ୍ରକ,୧୨।୬ (ସନାତନ ରାଉତ)

ଆଜିର ଶିଶୁ ଆଗାମୀ ଦିନର ବିକଶିତ ନାଗରିକ। ଶ୍ରମର ବୋଝ କିମ୍ବା ମାନସିକ ନିର୍ଯାତନାରୁ ମୁକ୍ତି ଦେଇ ସେମାନଙ୍କୁ ଆକାଶର ଉଡ଼ନ୍ତା ପକ୍ଷୀ ପରି ଗଢ଼ି ତୋଳିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ। ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ହେବା ଓ ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ଭଦ୍ରକର ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି କହିଛନ୍ତି। ବୁଧବାର ଆନ୍ତର୍ଜାତିକ ଶିଶୁ ଶ୍ରମ ନିଷେଧ ଦିବସ ପାଳନ ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶ୍ରମ ବିଭାଗ ଜରିଆରେ ଜିଲା କାର୍ଯ୍ୟାଳୟ ପରିସରରେ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ମହାନ୍ତି, ସମ୍ବିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ।

ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଶିଶୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିମାନଙ୍କୁ ଏହି ପରିକ୍ରମା ଦ୍ୱାରା ସାବଧାନ କରାଇ ଦିଆଯାଉଛି। ୧୪ ବର୍ଷରୁ କମ୍ ବୟସର ଶିଶୁକୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ଆଇନ ଉଲ୍ଲଂଘନ କଲେ ୫୦ ହଜାର ଟଙ୍କା ଜରିମାନା ସହ ୨ ବର୍ଷ ଯାଏ ଜେଲ ଦଣ୍ଡ ମିଳିବ। ଶିଶୁ ଶ୍ରମିକ ଘଟଣା ନଜରକୁ ଆସିଲେ ନିଶୁଳ୍କ ସହାୟତା ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଜିଲା ଶ୍ରମ ଅଧିକାରୀ ପ୍ରେମମଞ୍ଜରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଅମର ବାରିକ୍, ଶିଶୁ ମୁକ୍ତାଶ୍ରୟ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ, ଶ୍ରମ ବିଭାଗ ଅଧିକାରୀ ରତ୍ନାକର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ଖୋଲିବା ପରେ ପିଲାମାନଙ୍କ ମଧ୍ୟରେ ଜିଲାସ୍ତରରେ ପ୍ରତିଯୋଗିତା କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ

ଭଦ୍ରକ,୧୨।୬(ସନାତନ ରାଉତ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ ବାଇପାସ୍‌ସ୍ଥିତ ଆସିଆନା ଶିଶୁ ମୁକ୍ତାଶ୍ରୟଠାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଜିଲା ସୁରକ୍ଷା ବିଭାଗ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ କୁମାର ଦାଶ, ମୁଖ୍ୟ ପ୍ରତିପକ୍ଷ ଓକିଲ ନାରାୟଣ ପ୍ରସାଦ ବେହେରା, ସହକାରୀ ପ୍ରତିପକ୍ଷ ଓକିଲ ଡ. ତାପସ କୁମାର ମହାନ୍ତି, ଆସିଆନା ଶିଶୁ ମୁକ୍ତାଶ୍ରୟର ସମ୍ପାଦିକା ସୋଫିଆ ଶେଖ୍, ବିଦ୍ୟୁତ୍ ରଞ୍ଜନ ରାଉତ, ଶୁଭଶ୍ରୀ ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କୁ ଉତ୍ତମ ଶିକ୍ଷା ଏବଂ ସଂସ୍କାର ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନସେବା ପ୍ରାଧିକରଣର ପିଲାମାନଙ୍କ ପାଇଁ ଥିବା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଛୋଟ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଏବଂ ଉତ୍ତମ ପରିବେଶ ଦେଇ ସେମାନଙ୍କୁ ସୁନାଗରିକ ରୂପେ ଗଢ଼ି ତୋଳିବାର ପ୍ରୟାସ ଜାରି ରଖିବାକୁ ବାର୍ତ୍ତା ଦିଆଯାଇଥିଲା। ଶିଶୁ ଶ୍ରମିକ ଉଚ୍ଛେଦ ତଥା ଶିଶୁମାନଙ୍କୁ ଉନ୍ନତି ଏବଂ ବିକାଶଧାରାରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆସିଆନା ମୁକ୍ତ ଶିଶୁଗୃହର ସମସ୍ତ ସଦସ୍ୟ, ଜିଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପାର୍ବତୀଙ୍କ ପାଣିଗ୍ରହଣ କଲେ ସ୍ୱପ୍ନେଶ୍ୱର


ମିର୍ଜାପୁର ଗ୍ରାମ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଦେବଦମ୍ପତିଙ୍କ ବିବାହ ଚାଲିଛି।

ତିହିଡ଼ି,୧୨।୬(ସଙ୍ଗୀତ ବଳ)

ପବିତ୍ର ଶୀତଳଷଷ୍ଠୀ ଅବସରରେ ମାତା ପାର୍ବତୀଙ୍କ ହାତ ଧରିଛନ୍ତି ବାବା ସ୍ୱପ୍ନେଶ୍ୱର ମହାଦେବ। ଏଥିପାଇଁ ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ମିର୍ଜାପୁର ଗ୍ରାମ ଉତ୍ସବମୁଖର ହୋଇଥିଲା। ଗ୍ରାମର ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ମଙ୍ଗଳବାର ରାତି ୧ଟା ସମୟରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ବରଧରା ରୂପେ ଶ୍ରୀ ହନୁମାନ କନ୍ୟାପିତାଙ୍କ ଘରୁ ବାହାରି ବରପିତାଙ୍କ ଘରେ ପହଞ୍ଚିଥିଲେ। ସମସ୍ତ ରୀତିନୀତି ଅନୁଯାୟୀ କାର୍ଯ୍ୟ ସମାପନ ପରେ ଶ୍ରୀ ହନୁମାନ ବିବାହ ଉତ୍ସବରେ ଯୋଗଦେବାକୁ ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ସନ୍ଧ୍ୟାରେ ଆଡ଼ମ୍ବର ଶୋଭାଯାତ୍ରାରେ ବାବା ସ୍ୱପ୍ନେଶ୍ୱର ବାହାରିଥିଲେ। ବାଜା ରୋଷଣି ସହ ଶଙ୍ଖ ହୁଳହୁଳିରେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଦଧିବାମନ ମନ୍ଦିର ନିକଟରେ ପହଞ୍ଚିଥିଲେ। ପୂର୍ବରୁ ମାତା ପାର୍ବତୀଙ୍କୁ କନ୍ୟାପିତାଙ୍କ ଘରୁ ମନ୍ଦିରକୁ ନିଆଯାଇଥିଲା। ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। କନ୍ୟାପିତା ରୂପେ ମିର୍ଜାପୁର ଗ୍ରାମର ବିଜୟ ପତି ଓ ବରପିତା ରୂପେ ସେହି ଗ୍ରାମର କିଶୋର କୁମାର କର କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମାଙ୍ଗଳିକ କାର୍ଯ୍ୟକୁ ପୁରୋହିତ ଭାବେ ଲକ୍ଷ୍ମୀଧର କର ଓ ନିରଞ୍ଜନ କର ସମ୍ପନ୍ନ କରିଥିଲେ। ଯୌତୁକ ବାବଦରେ ଶ୍ମଶାନ ଜମି, ବୃଷଭ ଓ ନାଗନାଗୁଣୀ ପ୍ରଦାନ କରାଯାଇଥିଲା। ପାର୍ଥସାରଥୀ ନାୟକ, ଶରତ କର, ପ୍ରଭାତ କୁମାର ରାଉଳ, ବିଷ୍ଣୁଚନ୍ଦ୍ର ଦାସ, ପି. ହୃଷୀକେଶ, ମହେନ୍ଦ୍ର ଓଝା, ପ୍ରଶାନ୍ତ ପଣ୍ଡା, ରମାକାନ୍ତ ନାଥ, ମନୋରଞ୍ଜନ ବେହେରା, ହରିହର କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

# ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

ଭଣ୍ଡାରିପୋଖରୀ,୧୨।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୪ ଦିବସୀୟ ଏହି କର୍ମଶାଳାକୁ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଶିଶୁ ସାହିତ୍ୟିକ ପବନ କୁମାର ନାୟକ, ଦ୍ୱିତୀୟ ଓ ତୃତୀୟ ଦିବସରେ ଯାଜପୁର ଜିଲା ଡୋଲିପୁର ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଡ. ସୁକାନ୍ତ କୁମାର ନାୟକ, ୪ର୍ଥ ଦିବସରେ ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ୩୦ରୁ ଅଧିକ ଗୁରୁମା ଗୁରୁଜୀଙ୍କୁ ଶିକ୍ଷଣ କୌଶଳ, ମୂଲ୍ୟାୟନର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତି ଓ ଗୁରୁମା ସୁସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ 'ଅମୃତାୟନ', 'ଦୂରଦିଗନ୍ତ', 'ସଞ୍ଜିବନୀ' ଆଦି ପ୍ରାଚୀର ପତ୍ରିକା ଉନ୍ମୋଚନ ସହ ଗୁରୁଜୀ ଓ ଗୁରୁମା'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ଚିତ୍ତରଞ୍ଜନ ନାୟକ ଅତିଥି ପରିଚୟ ଦେଇଥିଲେ। ବିଶ୍ୱପ୍ରଭା ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାତୀ ବାହାଲିଆ, କବିତା ତ୍ରିପାଠୀ, କୁଞ୍ଜଲତା ସେନାପତି, ଦିଲୀପ ଜେନା, ନିମାଇଁ ବେହେରା, ସ୍ନେହଲତା ମହାନ୍ତି, ପ୍ରକାଶ ବେହେରା ପ୍ରମୁଖ ଗୁରୁଜୀ ଗୁରୁମା' ପରିଚାଳନା କରିଥିଲେ।

# ସରିଲା ହରପାର୍ବତୀଙ୍କ ବିବାହ

ବନ୍ତ,୧୨।୬ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ଛୟାଳସିଂହ ପଞ୍ଚାୟତ ମଗୁଲିସ୍ଥିତ ମଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ ହରପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରକୁ ଫୁଲ ଓ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମଙ୍ଗଳବାର ରାତିରେ ବରାନୁଗମନ ଓ ପାଣିଗ୍ରହଣ ହୋଇଥିଲା। ବରପିତା ଭାବେ ରବୀନ୍ଦ୍ରନାଥ ଘଡ଼େଇ, ମାତା ବୀଣାପାଣି ଘଡ଼େଇ ଓ କନ୍ୟାପିତା ଭାବେ ସୋମନାଥ ବିଶ୍ୱାଳ, ମାତା ବିଦ୍ୟୁତ୍‌ପ୍ରଭା ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଅନନ୍ତ ଚରଣ ଦାଶଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।


ମଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ ହରପାର୍ବତୀଙ୍କ ବିବାହ ଚାଲିଛି।

# ଜଗତେଶ୍ୱରଙ୍କ ବିବାହ ଉତ୍ସବରେ ସାମିଲ ହେଲେ ଶ୍ରଦ୍ଧାଳୁ


ବିବାହ ଉତ୍ସବରେ ବାହାରିଥିବା ଶୋଭାଯାତ୍ରା।

ଧାମନଗର,୧୨।୬ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଶୀତଳଷଷ୍ଠୀ ଅବସରରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳୁ ମନ୍ଦିର ପରିସରରେ ମଙ୍ଗୁଳା କାର୍ଯ୍ୟ ହୋଇଥିଲା। ମନ୍ଦିରରେ ଘଟପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ରାତିରେ ଜଗତେଶ୍ୱର ମହାଦେବଙ୍କ ସହ ମାତା ପାର୍ବତୀଙ୍କ ବିବାହ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଉତ୍ସବରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଜଗତେଶ୍ୱରଙ୍କୁ ସୁସଜ୍ଜିତ ପାଲିଙ୍କିରେ ଶିଶୁମନ୍ଦିର ଛକ, ମାନଲାପୁର, ଚାନ୍ଦପାଟଣା, ବାଲିପାଟଣା ଗ୍ରାମ ପରିକ୍ରମା କରାଯାଇଥିଲା। କୀର୍ତ୍ତନ ଭଜନ ସାଙ୍ଗକୁ ବାଜା, ବାଣ ଫୁଟାଇ ଶୋଭାଯାତ୍ରାରେ ମହାଦେବଙ୍କୁ ମାତା ପାର୍ବତୀଙ୍କ ଘରକୁ ନିଆଯାଇଥିଲା। କନ୍ୟା କର୍ତ୍ତାକର୍ତ୍ତା ଭାବେ ସ୍ୱର୍ଣ୍ଣଲତା ସାହୁ ଓ କୃପାସିନ୍ଧୁ ସାହୁ, ବର କର୍ତ୍ତାକର୍ତ୍ତା ଭାବେ ଅର୍ଚ୍ଚନା ଆନ୍ଦିଆ ଓ ପ୍ରଦୀପ ଆନ୍ଦିଆ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ରବିନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ, ଦୁର୍ଗାଶଙ୍କର ଦୀକ୍ଷିତ, ଶିବଶଙ୍କର ନନ୍ଦ ପୂଜା ଓ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ପରେ ମାତା ପାର୍ବତୀଙ୍କୁ ସାଙ୍ଗରେ ଧରି ଜଗତେଶ୍ୱର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ୧୦୫ ବାତ୍ୟା ଆଶ୍ରୟସ୍ଥଳରେ ହେବ ମକ୍‌ଡ୍ରିଲ

ଟେବୁଲ ଟପ୍ ଏକସର୍‌ସାଇଜ, ମକ୍‌ଡ୍ରିଲ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି

ଭଦ୍ରକ,୧୨।୬(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ବୁଧବାର ଟେବୁଲ ଟପ୍ ଏକସର୍‌ସାଇଜ ଓ ମକ୍‌ଡ୍ରିଲ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗଦେଇ ବନ୍ୟା, ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନ ରକ୍ଷା କରି ଶୂନ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ନିର୍ଦ୍ଦେଶାନୁଯାୟୀ ଜିଲା, ବ୍ଲକ, ବାତ୍ୟା ଆଶ୍ରୟ ସ୍ତରରେ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି, ଟେବୁଲଟପ୍ ଏକ୍‌ସର୍‌ସାଇଜ ଓ ମକ୍‌ଡ୍ରିଲ ଆୟୋଜନ ନେଇ ତାରିଖ, ସମୟ ସମ୍ପର୍କରେ ଡେପୁଟି କଲେକ୍ଟର ଜରୁରୀକାଳୀନ ଅଧିକାରୀ ତନ୍ମିତା କର ଉପସ୍ଥାପନ କରିଥିଲେ। ଆସନ୍ତା ୧୮ ତାରିଖ ପୂର୍ବାହ୍ନରେ ଜିଲାସ୍ତରରେ ଏବଂ ଅପରାହ୍ନରେ ବ୍ଲକ ଓ ପୌରାଞ୍ଚଳ ସ୍ତରରେ ଟେବୁଲଟପ୍ ଏକ୍‌ସର୍‌ସାଇଜ ଓ ୧୯ ତାରିଖରେ ଜିଲାର ସମସ୍ତ ୧୦୫ ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ ହେବ। କାର୍ଯ୍ୟକ୍ରମରେ ସମ୍ପୃକ୍ତ ଆଗ୍ରହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଲୋକ ପ୍ରତିନିଧି, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବାତ୍ୟା ଆଶ୍ରୟସ୍ଥଳ ପରିଚାଳକଙ୍କୁ ସାମିଲ କରାଯିବା ପାଇଁ ପରାମର୍ଶ ଦିଆଯାଇଛି।

ଏସ୍‌ଆର୍‌ସିଙ୍କ ପାଖରୁ ବନ୍ୟା ବାତ୍ୟା ନେଇ ଆସିବାକୁ ଥିବା ଡମି ବାର୍ତ୍ତା ଅନୁଯାୟୀ ମୁକାବିଲା ପାଇଁ ସମ୍ପୃକ୍ତ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ସୂଚନା ପ୍ରସାରଣ, ତଳିଆ ଅଞ୍ଚଳରୁ ମଣିଷ, ଗୃହପାଳିତ ପ୍ରାଣୀ ସ୍ଥାନାନ୍ତର, ବାତ୍ୟା ଆଶ୍ରୟସ୍ଥଳରେ ସର୍ବନିମ୍ନ ମୌଳିକ ସୁବିଧା ନେଇ ସମସ୍ତ ପ୍ରସ୍ତୁତି ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଉଭୟ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ଲୋକଙ୍କ ଲାଗି ରନ୍ଧାଖାଦ୍ୟ ପ୍ରସ୍ତୁତି, ଶୁଖିଲା ଖାଦ୍ୟ ମହଜୁଦ ରଖାଯିବା, ପାନୀୟ ଜଳ, ଶୌଚାଳୟ, ଆଲୋକ ଆଦି ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯିବା, ଦିବ୍ୟାଙ୍ଗ, ଗର୍ଭବତୀ, ଶିଶୁ, ବୃଦ୍ଧାବୃଦ୍ଧ ପ୍ରମୁଖଙ୍କୁ ପୂର୍ବରୁ ଚିହ୍ନଟ ଏବଂ ଠିକ୍ ସମୟରେ ସେମାନଙ୍କୁ ସ୍ଥାନାନ୍ତର କରାଯିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଛି। ପ୍ରତି ବିପର୍ଯ୍ୟୟର ମୁକାବିଲା ପାଇଁ ସମ୍ପୃକ୍ତ ଅଧିକାରୀ, ଡଙ୍ଗା ଚାଳକଙ୍କ ଠିକଣା ଯୋଗାଯୋଗ ନମ୍ବର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଓସ୍‌ଡମାର ଜିଲା ସଂଯୋଜକ ଅମ୍ଳାନ ଅନୁପମ ସେନାପତି ବୈଠକରେ ସହଯୋଗ କରିଥିଲେ।


ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ରେଲୱେ ଓଭରବ୍ରିଜ୍ କାମକୁ ନେଇ ଅସନ୍ତୋଷ

## ଆନ୍ଦୋଳନ ଚେତାବନୀ ଦେଲା ବରିଷ୍ଠ ନାଗରିକ ମଞ୍ଚ

ଜଳେଶ୍ୱର,୧୨।୬(ନବୀନ ସାହୁ/ ରବିନାରାୟଣ ପାତ୍ର)

ଜଳେଶ୍ୱରର ଜୀବନରେଖା ନୂଆ ବଜାର ରେଲୱେ ଓଭରବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୬ବର୍ଷ ପରେ ଗତ ଏପ୍ରିଲ ୧୩ ତାରିଖରେ ଏହି ଓଭରବ୍ରିଜ୍ ଲୋକାର୍ପିତ ହୋଇଥିଲେ ମଧ୍ୟ ଏଯାବତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇନାହିଁ। ଫଳରେ ଅନ୍ଧକାର ମଧ୍ୟରେ ବିପଦପୂର୍ଣ୍ଣ ଭାବରେ ଯାନବାହାନ ଚଳାଚଳ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହା ବ୍ୟତୀତ ବେଆଇନ ଭାବେ ବାଲି ବୋଝେଇ ଟ୍ରକ୍ ଚଳାଚଳ କରିବାରୁ ରାସ୍ତାରେ ବାଲି ପଡ଼ି ନାନା ସମସ୍ୟା ସୃଷ୍ଟି କରୁଛି। ବଡ଼ବଜାର ଛକଠାରୁ ବାସନ୍ତୀ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଯାନବାହାନ ପାର୍କିଂ କରିବା ସହ ମାଲ ଲୋଡିଂ-ଅନ୍‌ଲୋଡିଂ କରିବା, ବଡ଼ ବଜାର ପୋଲ ଉପରେ ଖୋଲା ଦୋକାନ ମେଲିବା ତଥା ଗାଡ଼ି ପାର୍କିଂ କରିବା ଫଳରେ ଦୀର୍ଘ ସମୟ ଧରି ରାସ୍ତା ଜାମ୍ ହେବା ସହ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଓଭରବ୍ରିଜ୍ ଉପରେ ତୁରନ୍ତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହିତ ବଡ଼ ବଜାର ଅଞ୍ଚଳରେ ପାର୍କିଂ ସମସ୍ୟାର ଆଶୁ ସମାଧାନ ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ମ୍ୟୁନିସିପାଲଟି ଚେୟାରମ୍ୟାନ, ପୂର୍ତ୍ତ ଉପଖଣ୍ଡ ଯନ୍ତ୍ରୀଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ପ୍ରତିନିଧି ଦଳରେ ମଞ୍ଚର ସଭାପତି ଡ. ରମାକାନ୍ତ ଭଞ୍ଜ, ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଯୁଗ୍ମ ସମ୍ପାଦିକା ଅପର୍ଣ୍ଣା ଚୌଧୁରୀ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ତ୍ରିପାଠୀ, ବରିଷ୍ଠ ସଦସ୍ୟ କପିଳେଶ୍ୱର ମହାନ୍ତି, ସୁବ୍ରତ ବେରା, ଜ୍ୟୋତିଷ ଚନ୍ଦ୍ର କର, ନିତ୍ୟାନନ୍ଦ ଦାସ, ରବିନ୍ଦ୍ର କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବାଲି ଉଠାଣକୁ ନେଇ ଗୋଷ୍ଠୀ ସଂଘର୍ଷ

ନୀଳଗିରି,୧୨।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିଥାନା ଜାମୁଡ଼ିହା ପଞ୍ଚାୟତ କେଶୁରା ଗାଁରେ ଘାଗରା ନଈରୁ ବାଲି ଉଠାଣକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ହେବା ସହିତ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କେଶୁରା ଗାଁର ସୁଧାଂଶୁ ଶେଖର ଦଳେଇ ଘାଗରା ନଈରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ସରସ୍ୱତୀ ଦଳେଇଙ୍କ ଜମି ଉପରେ ଦେଇ ଚୋରାଚାଲାଣ କରୁଥିଲେ। ସରସ୍ୱତୀ ଏହାକୁ ବିରୋଧ କରିବାରୁ ଉତ୍କ୍ଷିପ୍ତ ହୋଇ ସୁଧାଂଶୁ ଏବଂ ତାଙ୍କ ସହଯୋଗୀମାନେ ସରସ୍ୱତୀଙ୍କୁ ଆକ୍ରମଣ କରିଥିଲେ। ସରସ୍ୱତୀଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ଉଦ୍ଧାର କରିଥିଲେ। ଏହି ଆକ୍ରମଣରେ ସରସ୍ୱତୀ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

# ରାମେଶ୍ୱର ମନ୍ଦିରରେ ଶିବପାର୍ବତୀ ବିବାହ

ଔପଦା,୧୨।୬(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ଜୟନାରାୟଣପୁର ଶାସନର ବାବା ରାମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶୀତଳଷଷ୍ଠୀ ଅବସରରେ ଅଷ୍ଟମ ବାର୍ଷିକ ଶିବପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଉତ୍ସବକୁ ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ପଣ୍ଡା ଆରମ୍ଭ କରିଥିଲା ବେଳେ ତାଙ୍କ ସହଧର୍ମିଣୀ କବୟିତ୍ରୀ ସୁକାନ୍ତି ପଣ୍ଡା, ପୁତ୍ର ହିମାଂଶୁ, ସୁଧାଂଶୁ ପଣ୍ଡାଙ୍କ ସମେତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବିବାହ ଉତ୍ସବ ପାଳନ କରାଯାଇଛି। ବ୍ରତୀମାନେ ସକାଳ ୬ଟାରେ ବଧି ଗ୍ରାମ ପୋଖରୀରୁ ଘଟ ବୁଡ଼ାଇ କଳସ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ଦୃଶ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ, ନାମଯଜ୍ଞ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏହି ଉତ୍ସବକୁ ଶ୍ୟାମସୁନ୍ଦର ମିଶ୍ର, ରବିନାରାୟଣ ପାଢ଼ୀ, ଜୟନ୍ତ ପଣ୍ଡା, ମନୋରଞ୍ଜନ ପଣ୍ଡା, ମଙ୍ଗଳ ଚରଣ ପଣ୍ଡା, ଶଶିକାନ୍ତ ମହାପାତ୍ର, ଗୋପୀନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାପାଳ-ଶ୍ରମିକ ସଙ୍ଗଠନ ନେତାଙ୍କ ଆଲୋଚନା

## ବିର୍ଲା ଟାୟାର୍ସ ଶ୍ରମିକଙ୍କ ସମସ୍ୟା ଉପରେ ଗୁରୁତ୍ୱ

ବାଲେଶ୍ୱର,୧୨।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ଥିବା ବୃହତ ଶିଳ୍ପାନୁଷ୍ଠାନ ବିର୍ଲା ଟାୟାର୍ସକୁ ଗତ କିଛିଦିନ ପୂର୍ବରୁ ହିମାଦ୍ରି ଏବଂ ଡାଲମିଆ କମ୍ପାନୀ ମିଳିତ ଭାବେ ଅଧିଗ୍ରହଣ କରିଛନ୍ତି। ପୂର୍ବଭଳି ଶ୍ରମିକଙ୍କ ସମସ୍ୟା ଲାଗି ରହିଥିବା ବେଳେ ଏହାର ଆପୋଷ ସମାଧାନ ପାଇଁ ବୁଧବାର ଜିଲାପାଳ ଆଶିଷ ଠାକରେଙ୍କୁ ଭେଟି ପଞ୍ଜିକୃତ ୮ଟି ଶ୍ରମିକ ସଂଗଠନର ସମ୍ପାଦକ ଓ ସଭାପତିମାନେ ଆଲୋଚନା କରିଛନ୍ତି। ବିର୍ଲା ଟାୟାରସ୍‌ର କାର୍ଯ୍ୟରତ ସମସ୍ତ ଶ୍ରମିକ ତଥା କମ୍ପାନୀ କାଜୁଆଲ, କଣ୍ଟ୍ରାକ୍ଟର ଲେବର ତଥା ଷ୍ଟାଫ ଅଫିସରମାନେ କିପରି ନିଜ ନିଜ ଚାକିରି ଫେରି ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ସଙ୍ଗେ ସଙ୍ଗେ ଏଡିଏମ୍ (ରାଜସ୍ୱ)ଙ୍କୁ ଡକାଇ ତୁରନ୍ତ ଏକ କମିଟି ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ସଂଘମାନଙ୍କ ତରଫରୁ ଜିଲାପାଳଙ୍କୁ ଯଥାଶୀଘ୍ର ଏକ କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଜିଲାପାଳ ଯଥାଶୀଘ୍ର ଆଇନ ପରିସର ଭିତରେ ରହି ଶ୍ରମିକମାନଙ୍କର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଟିଏମ୍ଏସ୍ ସଭାପତି ଅରୁଣ କୁମାର ସ୍ୱାଇଁ, ବିଏମ୍ଏସ୍ ସମ୍ପାଦକ ଉପେନ୍ଦ୍ର ପ୍ରସାଦ ବେହେରା, ବିଟିଇ ଏଣ୍ଡ ଡବ୍ଲ୍ୟୁୟୁ ସମ୍ପାଦକ ଶରତ କୁମାର ଦାସ, ବିଏସ୍ଏସ୍ ସମ୍ପାଦକ ସତ୍ୟନାରାୟଣ ଆଚାର୍ଯ୍ୟ, ବିଟିକେପିକେଏସ୍ ସମ୍ପାଦକ ଶିବ ପ୍ରସାଦ ଦାସ, ବିଟିକେଏସ୍ଏସ୍ ଉପ-ସଭାପତି ଆଲୋକ କୁମାର କର, ବିଟିଇୟୁ ଉପ-ସଭାପତି ରାମଚନ୍ଦ୍ର ଗିରି ପମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବିଭିନ୍ନ ସଙ୍ଗଠନର ନେତୃବୃନ୍ଦଙ୍କ ଗହଣରେ ଜିଲାପାଳ ଆଶିଷ ଠାକ୍‌ରେ।

# 'ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରହିବ'



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ୍‌ର ନେତୃବୃନ୍ଦ।

## ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ୍‌ର କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୨।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବାଲିଆସ୍ଥିତ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ୍ ଅଫିସରେ ସଂଘର କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପ୍ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ସଭାପତିତ୍ୱ କରି ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ସମସ୍ତ ସଂଘ ସହ ମିଶି ବିଭିନ୍ନ ଦାବିକୁ ପୂରଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଟିପିଏନଓଡିଏଲ ପରିଚାଳନା ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇ ଦାବି ପୂରଣ ନିମନ୍ତେ ପ୍ରଚେଷ୍ଟା ଜାରି ରହିଥିବା ପ୍ରକାଶ କରିଥିଲେ।

ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଯୋଗଦେଇ ସଂଘ ପକ୍ଷରୁ ଆସନ୍ତା ଦିନରେ ୫୦୦ରୁ ୭୦୦ ଠିକା କର୍ମଚାରୀଙ୍କ ଚାକିରିକୁ କିପରି ନିୟମିତ କରାଯିବା, ବିଗତ ଦିନରେ ଠିକା କର୍ମଚାରୀଙ୍କ ଦରମା ବଢ଼ିଥିଲେ ସୁଦ୍ଧା ଏହାକୁ ଡିସକମ୍‌ରେ ଲାଗୁ ହୋଇ ନାହିଁ। ତେଣୁ ତାହାକୁ ଶୀଘ୍ର ଲାଗୁ କରିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଠିକା କର୍ମଚାରୀମାନେ ଅହରହ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଇପିଏଫ୍ ଏବଂ ଇଏସ୍ଆଇ ଠିକ୍ ସମୟରେ ପୈଠ ହେଉନାହିଁ। ଯାହାକୁ ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଟିପିଏନଓଡିଏଲ ସଂସ୍ଥାର ପରିଚାଳକମାନଙ୍କ ସହ ଲଢ଼ି ଦାବି ହାସଲ କରିବା ପାଇଁ ଅନ୍ୟ ସଙ୍ଗଠନମାନଙ୍କ ତରଫରୁ ସହଯୋଗର ହାତ ବଢ଼ାଯାଇଥିବାର ପ୍ରକାଶ କରିଥିଲେ। ବୈଠକରେ ଅତିଥି ଭାବେ ସଂଘର ସଭାପତି ଜଗଦୀଶ ଚନ୍ଦ୍ର ବେହେରା, ଉପ-ସଭାପତି ଯୋଗେଶ ଚନ୍ଦ୍ର ଅଗସ୍ତି, ଅକ୍ଷୟ କୁମାର ଜେନା, ଆଶିଷ କୁମାର ଜେନା, ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା, ସହ ସାଧାରଣ ସମ୍ପାଦକ ଗୋଲକ ପ୍ରସାଦ ସାମଲ, ତପନ କୁମାର ବେହେରା, ଚନ୍ଦନ କୁମାର ମହାନ୍ତି, ହେମନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ଦେବାଶିଷ ବେହେରା, ଅଭୟ କୁମାର ପଣ୍ଡା, ସଂଗଠକ ସମ୍ପାଦକ ସପନ କୁମାର ଦାସ, ପ୍ରକାଶ କୁମାର ଜେନା, ବିପଦ ଭଞ୍ଜନ ଦାସ ଏବଂ ସତ୍ୟରଞ୍ଜନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାରୁ ଆସିଥିବା ଶତାଧିକ କର୍ମୀ ଉପସ୍ଥିତ ରହି ଆସନ୍ତା ଦିନ ମାନଙ୍କରେ ଗ୍ରାହକମାନେ କିଭଳି ଉତ୍ତମ ସେବା ପାଇପାରିବେ, ସେ ଦିଗରେ ମଧ୍ୟ ସଂଘ ସଦାସର୍ବଦା ଆପ୍ରାଣ ଉଦ୍ୟମ ଜାରି ରଖିବ ବୋଲି ମତପ୍ରକାଶ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ସ୍ୱୟଂଚାଳିତ ଟ୍ରାଇସାଇକେଲ ପ୍ରଦାନ


ରୋଟାରୀ କ୍ଲବ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

ବାଲେଶ୍ୱର,୧୨।୬(ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ବହୁ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଡା. ରଣଜିତ କରଙ୍କ ଦ୍ୱାରା ବାଲିଆପାଳ ବ୍ଲକ ଅନ୍ତର୍ଗତ ରତେଇ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ହିତାଧିକାରୀ ସୁଶାନ୍ତ ରାଉତଙ୍କୁ ଏକ ସ୍ୱୟଂଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସଭାପତି, ସମ୍ପାଦକ ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ହିତାଧିକାରୀ ରାଉତ ମିଳିଥିବା ଟ୍ରାଇସାଇକେଲ ଯୋଗୁ ନିଜର ଜୀବନ ସରସ ସୁନ୍ଦର କରିବ ବୋଲି କହି ଭାବବିହ୍ୱଳ ହୋଇଥିଲେ। ପ୍ରକାଶଥାଉକି, ଗତ ମେ ୨୬ ତାରିଖରେ ମଧ୍ୟ ଏତାଦୃଶ ଏକ କାର୍ଯ୍ୟକ୍ରମରେ ଅନ୍ୟ ଜଣେ ଦିବ୍ୟାଙ୍ଗ ରଣଜିତ ମାନ୍ନାଙ୍କୁ ମଧ୍ୟ ସ୍ୱୟଂଚାଳିତ ଗାଡ଼ି ପ୍ରଦାନ କରାଯାଇଥିଲା।

## କେନ୍ଦୁଝର

# ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ

ରାମଚନ୍ଦ୍ରପୁର,୧୨।୬(ଗଣେଶ୍ୱର ସା)

ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ଉପଲକ୍ଷେ ଆସ୍ୱୟାର୍ ତରଫରୁ କେନ୍ଦୁଝର ଗଡ଼ବାନ୍ଧଗୋଡା ପଞ୍ଚାୟତର ଦାନ୍ତିଆଠାରୁ ଆରମ୍ଭ କରି ପନାସିଆ, ପଟିଲୋ, ନଖସାହି, ବୁଧୁସାହି ଏବଂ ସାପୁଆସାହି ଗ୍ରାମରେ ଶିକ୍ଷା ସଚେତନତା, ବାଲ୍ୟବିବାହ ଏବଂ ଶିଶୁଶ୍ରମିକ ନିରୋଧ ପାଇଁ ଏକ ସାଇକେଲ ରାଲି କରାଯାଇଥିଲା। ରାଲିରେ ଘସିପୁରା ବ୍ଲକ୍ ସମାଜ ସଂଯୋଜକ ଦିଲ୍ଲୀପ ସେଠୀ, ମହେଶ ଜେନା, ଜ୍ୟୋତିରଞ୍ଜନ ଭୂୟାଁ, ଦିଲ୍ଲୀପ ଜେନା, ଗଡ଼ବାନ୍ଧଗୋଡା ପଞ୍ଚାୟତର ସମସ୍ତ ଆସ୍ୱୟାର୍ କର୍ମୀ, ଜିଆର୍‌ପିଏଫ କମିଟିର ସଭାପତିଙ୍କ ସମେତ ଯୁବତୀ, ଯୁବକ ଯୋଗ ଦେଇଥିଲେ। ଶେଷରେ ସାପୁଆସାହି ପ୍ରାଥମିକ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରି ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ସମସ୍ୟା ଦୂରହେବା ନେଇ ଗ୍ରାମବାସୀ ଆଶାବାଦୀ

କେନ୍ଦୁଝର,୧୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ରାଇକଳା ପଞ୍ଚାୟତର ରାଇକଳା ଗ୍ରାମର ବଡ଼ମହାନ୍ତ ସାହିର ପୁଅ ମୋହନ ମାଝି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତେବେ ଗ୍ରାମରେ ଏବେ ବି ପାନୀୟ ଜଳ ସୁବିଧା ହୋଇନାହିଁ। ଗ୍ରାମକୁ ଭଲ ରାସ୍ତା ନାହିଁ କି ସାହିରେ ଆଲୋକ ବ୍ୟବସ୍ଥା କରାଯାଉନାହିଁ। ଗାଁର ପୁଅ ୪ ଥର ବିଧାୟକ ହୋଇ ଏବେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଗ୍ରାମ ଓ ସାହିବାସୀ ଖୁସି ବ୍ୟକ୍ତ କରିଛନ୍ତି। ଗ୍ରାମ, ସାହିର ସମସ୍ୟା ଏବଂ ଲୋକଙ୍କ ଦୁଃଖ ଦୂରିହେବ ବୋଲି ଗ୍ରାମବାସୀ ଆଶା ବାନ୍ଧିଛନ୍ତି। ସୂଚନାଯୋଗ୍ୟ, ରାଇକଳା ଗ୍ରାମରେ ୭ଟି ସାହି। ସମୁଦାୟ ୮୦୦ ଘର। ବାରିକ ସାହି, ବଡ ମହାନ୍ତ ସାହି, ସାନ ମହାନ୍ତ ସାହି, ନାୟକ ସାହି, ଗୋପାଳ ସାହି, ଡିପା ସାହି, ହୁଡା ସାହି ରହିଛି।

## ନୂଆ ସରକାର, ନୂଆ ଆଶା

"ଏଠାରେ ଲୋକମାନେ ଚାଷବାସ କରି ଚଳନ୍ତି। କେତେଜଣ ଚାକିରି କରିଛନ୍ତି। ଗାଁରେ ରାସ୍ତାଘାଟ ଓ ପାଣି ଏକ ମୁଖ୍ୟ ସମସ୍ୟା। ମୁଖ୍ୟ ରାସ୍ତାରୁ ସାହିକୁ ଭଲ ରାସ୍ତା ନାହିଁ। ହାତଗଣତି କେତେଜଣ ଲୋକ ଭତ୍ତା ଓ ଘର ପାଇଛନ୍ତି। ସାହି ଦାଣ୍ଡ ଖୁଣ୍ଟରେ ଲାଇଟ ବ୍ୟବସ୍ଥା ନାହିଁ। ଖରାଦିନରେ ପାଣି ସମସ୍ୟା ଜଟିଳ ହୋଇଥାଏ।

–ବୁଦ୍ଧିରାମ ମାଝି, ମୁଖ୍ୟମନ୍ତ୍ରୀଙ୍କ ବଡ଼ବାପା ପୁଅ ଭାଇ

"ଗ୍ରାମରେ ରାସ୍ତା ସମସ୍ୟା ରହିଛି। ମୋହନ ପ୍ରଥମ ବିଧାୟକ ହେବା ସମୟରେ ରାସ୍ତା ନିର୍ମାଣ ହୋଇଥିଲା। ତାହା ଖରାପ ହୋଇଗଲାଣି। ତେଣୁ ଯିବାଆସିବାରେ ଅସୁବିଧା ହେଉଛି। ଏଥିସହ ଠିକ୍ ସମୟରେ ପାଣି ଆସୁନାହିଁ। ଓଭରହେଡ୍ ଟାଙ୍କି କାମ ଗତ ବର୍ଷ ସରିଛି, କିନ୍ତୁ ପାଣି ସଂଯୋଗ ହୋଇନାହିଁ। ଆବାସ କେତେଜଣ ଲୋକ ପାଇଛନ୍ତି। ସବୁ ସାହିରେ ଏଭଳି ସମସ୍ୟା ଲାଗି ରହିଛି। ଟଙ୍କା ଦେଲେ ଘର ଦେବୁ ବୋଲି ପଞ୍ଚାୟତରେ କହିବା ଯୋଗୁ ବହୁ ଗରିବ ଘର ପାଇ ପାରିନାହାନ୍ତି।

–ଖଗେଶ୍ୱର ମହାନ୍ତ, ରାଇକଳା ବାସିନ୍ଦା

"ସାହିରେ ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଏଣୁ ଅନ୍ଧାରରେ ଲୋକେ ଯିବା ଆସିବା କରିଥାନ୍ତି। ସୋଲାର ଲାଇଟ୍ ଅଛି, କିନ୍ତୁ ଜଳୁନାହିଁ। ସବୁବେଳେ ଟ୍ୟାପ୍‌ରେ ପାଣି ଆସୁନାହିଁ। ବହୁ ଲୋକ ଆବାସ ପାଇନାହାନ୍ତି। ଏଣୁ ଘର ଓ ପାଣି ବ୍ୟବସ୍ଥା କରାଗଲେ ଆମେ ଉପକୃତ ହେବୁ। ଆମ ସାହିରେ ୭୦ ଘର ହେବ। କିନ୍ତୁ ସମସ୍ତେ ଆବାସ ଯୋଜନାରେ ଘର ପାଇନାହାନ୍ତି।

–ରୁକ୍ମିଣୀ ମହାନ୍ତ, ରାଇକଳା ବାସିନ୍ଦା

"ଛୋଟ ବେଳୁ ଦେଖିଛି, ଏହି ହାତରେ ଖେଳି ବଡ଼ ହୋଇଛନ୍ତି। ଛୋଟ ଥିଲା ବେଳେ ମା' ଚାଲିଯାଇଥିଲେ। ସେତେବେଳେ ୭ମ ଶ୍ରେଣୀରେ ପଢୁଥିଲେ। ଛୋଟ ବେଳେ ଭଲ ପିଲା ଥିଲେ।

–ପ୍ରତିମା ମହାନ୍ତ, ପଡ଼ୋଶୀ

# ଶିକ୍ଷକତାରୁ ରାଜନୀତି କ୍ଷେତ୍ର

ସପ୍ତମ ଶ୍ରେଣୀରେ ପଢ଼ିବା ସମୟରେ ମା'ଙ୍କ ଦେହାନ୍ତ ପରେ ସାବତ ମା' ନାଥମଣୀ ମାଝି ତାଙ୍କୁ ପୁଅ ଭଳି ଯତ୍ନ କରି ବଡ଼ କରିଥିଲେ। ପରେ ସେ ୧୯୮୭ରେ ଝୁମ୍ପୁରା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ୧୯୯୦ରେ ଆନନ୍ଦପୁର କଲେଜରୁ ଯୁକ୍ତ ୨ ପାସ୍ କରିଥିଲେ। ଚନ୍ଦ୍ରଶେଖର କଲେଜ ଚମ୍ପୁଆରୁ ୧୯୯୩ରେ ଗ୍ରାଜୁଏସନ ପାସ୍ କରିଥିଲେ। ଢେଙ୍କାନାଳ ଆଇନ ବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପାସ୍ କରି ପ୍ରଥମେ ଝୁମ୍ପୁରାସ୍ଥିତ ଶିଶୁ ମନ୍ଦିରରେ ଶିକ୍ଷକତା ଆରମ୍ଭ କରିଥିଲେ। ତା'ପରେ ୧୯୯୭ରେ ରାଇକଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ଭାଜପା ଓ ବିଜେଡି ମେଣ୍ଟ ସରକାରରେ ୨୦୦୦ ରୁ ୨୦୦୯ ସଦର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମେଣ୍ଟ ସରକାର ଭାଙ୍ଗିବା ପରେ ୨୦୦୯ ଓ ୨୦୧୪ରେ ଭାଜପାରୁ ନିର୍ବାଚନ ଲଢ଼ି ହାରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ।

# ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ

ଭାଜପା ନେତୃତ୍ୱ ରାଜ୍ୟରେ ମୋହନ ମାଝି ମୁଖ୍ୟମନ୍ତ୍ରୀ ହେବା ନେଇ ନାମ ଘୋଷଣା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ଏପରିକି ରାତି ତମାମ କେନ୍ଦୁଝର ଭାଜପା ନେତା, କର୍ମୀ, ସମର୍ଥକଙ୍କ ଭିଡ଼ ମୋହନଙ୍କ ଘର ପାଖରେ ଜମିଥିଲା। ସମସ୍ତେ ନୂଆ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଇବାକୁ ହାତଛଡ଼ା କରି ନ ଥିଲେ। ଅନେକ ସେଲ୍‌ଫି ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ଶୁଭେଚ୍ଛା ଜଣାଇଥିଲେ। ଏପରିକି ଅନେକେ ମୋହନଙ୍କ ସହ ଉଠାଇଥିବା ପୁରୁଣା ଫଟୋକୁ ମଧ୍ୟ ଛାଡ଼ିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲା ପ୍ରଶାସନ ପକ୍ଷରୁ ବରପୁତ୍ରଙ୍କୁ ମାଲ୍ୟାର୍ପଣ

କେନ୍ଦୁଝର,୧୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ନୂତନ ସରକାର ଶପଥ ଗ୍ରହଣ କରିବା ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ତରଫରୁ ବୁଧବାର କେନ୍ଦୁଝର ସଦର ମହକୁମାସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗ, ସଦର ବିଡିଓ ତିଳତ୍ତମା ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ଟେଲିଫୋନ ଏକ୍ସଚେଞ୍ଜ, ବିଜୁ ବାବୁ ଛକ ଆଦିରେ ଥିବା ମହା ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।



# ଖଣିରେ ଯାଞ୍ଚକୁ ନେଇ ଚର୍ଚ୍ଚାରେ ଥିଲେ

ଯୋଡ଼ା,୧୨।୬(ମାନସ ମହାନ୍ତି)

ତତ୍କାଳୀନ ବିଧାନସଭା ପବ୍ଲିକ ଆକାଉଣ୍ଟ କମିଟିର ଅଧ୍ୟକ୍ଷ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି ବିଭିନ୍ନ ସମୟରେ କାନପୁର ଡ୍ୟାମ୍ ଓ ଖଣି ଗସ୍ତକରି କାର୍ଯ୍ୟ ସମୀକ୍ଷା କରୁଥିଲେ। କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ହେଉଥିବା ଖଣି ଓ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମ୍‌ରେ ଅନିୟମିତତା ନେଇ କ୍ଷୋଭ ପ୍ରକାଶ କରିଥିଲେ।

୨୦୧୪ ଫେବୃଆରୀ ୨୬ରେ ଖଣି ଅଞ୍ଚଳକୁ ଗସ୍ତରେ ଆସିଥିବା ବେଳେ କାନପୁର ଡ୍ୟାମ୍‌ର ଜଳ କିପରି ଚାଷୀଙ୍କ ପାଖକୁ ଯିବ, ଏହା ତାଙ୍କର ମୁଖ୍ୟ ପ୍ରସଙ୍ଗ ଥିଲା। ୨୦୦୭ ପୁରୁଣା ଢାଞ୍ଚାରେ ନିର୍ମାଣ ହେଉଥିବା ପୁରୁଣା ଗେଟ୍ ସମ୍ପର୍କରେ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ। ୫ ଦଶନ୍ଧି ଧରି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଏହାର ଅଟକଳ ୪୨୭ କୋଟି ଟଙ୍କାରୁ ୨୪ ଶହ କୋଟି ଟଙ୍କାରେ ପହଞ୍ଚିଥିଲା। ଏହା ସରକାରଙ୍କ ଟଙ୍କା ତୋସରପାତ ହେଉଥିବା କହିବା ସହ ଏହାକୁ ଶୀଘ୍ର ସମାପନ କରିବା, ଚାଷୀଙ୍କ ଜମିକୁ ଶୀଘ୍ର ପାଣି ଯୋଗାଇଦେବା ପାଇଁ ଦାବି କରିଥିଲେ। ୧୯ ଅକ୍ଟୋବର ୨୦୨୩ ସମୟରେ ଖଣି ଅଞ୍ଚଳକୁ ନିଜ ଟିମ୍ ସହ ଗସ୍ତକରି ଖଣି ଓ ଶିଳ୍ପର ବର୍ଜ୍ୟବସ୍ତୁକୁ ନଦୀକୁ ସିଧାସଳଖ ଛାଡ଼ିବା, ଆବଶ୍ୟକ ଯନ୍ତ୍ର ଯଥା ସର୍ଫେସ ରନ୍ ଅପ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଡଷ୍ଟିଂ ସିଷ୍ଟମ, ପଣ୍ଡ ମନିଟର ନ ଥିବାରୁ ଏହା କ୍ଷମଣୀୟ ନୁହେଁ, ୬ ମାସ ମଧ୍ୟରେ ରିପୋର୍ଟ ତଲବ କରିଥିଲେ। ସେ ସମୟରେ ଏହାକୁ ନେଇ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକରେ ଭୟ ସୃଷ୍ଟି ହୋଇଥିଲା। ସେହିପରି ଜୁରୁଡିସ୍ଥିତ ଏକ ଖଣି କମ୍ପାନୀକୁ ଯାଇ ତାହାର ଅନିୟମିତତା ସମ୍ପର୍କିତ ଯାଞ୍ଚ କରିଥିଲେ। ଅଭିଯୋଗ ମୁତାବିକ ଉଚ୍ଚ ମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ କାରବାର କରୁଥିବା ଅଭିଯୋଗ ପରେ ଖଣିଜ ମାନ ଯାଞ୍ଚ ପାଇଁ ନିଜେ ମୋହନ ମାଝି ଅଣ୍ଟା ଭିଡ଼ିଥିଲେ। ଖଣିରେ ଥିବା ଷ୍ଟକ୍‌ରୁ ନମୁନା ସଂଗ୍ରହକରି ରସାୟନ ପରୀକ୍ଷାଗାରକୁ ପଠାଇଥିଲେ। ସର୍ବଦା ଖଣିରେ ବେଆଇନ କାର୍ଯ୍ୟ ହେଉ କିମ୍ବା ଶିଳ୍ପ ସଂସ୍ଥାରେ ପରିବେଶ ଓ ପ୍ରଦୂଷଣ ଉପରେ ଅନିୟମିତତା, ତାଙ୍କର ଶାଣିତ ସ୍ୱରକୁ ସରକାରଙ୍କ ନିକଟକୁ ପହଞ୍ଚାଉଥିଲେ। କେନ୍ଦୁଝର ସଦର ସମେତ ଯୋଡ଼ା, ବଡ଼ବିଲ, ଚମ୍ପୁଆ ପ୍ରଭୃତି ଅଞ୍ଚଳରେ ତାଙ୍କର ନିର୍ମଳ ଭାବମୂର୍ତ୍ତିକୁ ବଜାଇ ରଖିଥିଲେ। ମିଥ୍ୟା, ପ୍ରବଞ୍ଚନାକୁ ସେ ପ୍ରଶ୍ରୟ ନ ଦେଇ ସମଗ୍ର ଜିଲାରେ ଜନତାଙ୍କ ସ୍ୱର ପାଲଟିଥିଲେ।

